Sambalpur Municipal Corporation
Sambalpur (Odisha)

Email Id : Sambalpurm.hud@nic.in
Phone No. 0663-2411012

No. ୯୬୬୪

Date 13.08.2025

# Expression of Interest

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମ୍ବଲପୁର ମହାନଗର ନିଗମରେ ଥିବା ବିଭିନ୍ନ ଜାଗାରେ ବୃକ୍ଷରୋପଣ କାର୍ଯ୍ୟ ସମ୍ବନ୍ଧେ

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ୱାର୍ଡ଼ରେ ଜାଗାରେ ବୃକ୍ଷରୋପଣ କାର୍ଯ୍ୟ ନିମନ୍ତେ ସେହି ୱାର୍ଡ଼ରେ ସ୍ଥିତ ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ସ୍ଥିର କରାଯାଇଛି | ଏହି ମିଶନ ଶକ୍ତି ଗୋଷ୍ଠୀମାନେ ନିମ୍ନ ଜାଗାରେ ବୃକ୍ଷରୋପଣ ପାଇଁ ସଂଲଗ୍ନ ହୋଇଥିବା ଫର୍ମ ଦ୍ୱାରା **୧୯.୦୮.୨୦୨୫** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ଆବେଦନ କରିପାରିବେ |

| କ୍ରମିକ ସଂଖ୍ୟା | ୱାର୍ଡ ସଂଖ୍ୟା | ବୃକ୍ଷରୋପଣ ଜାଗାର ନାମ | କେଉଁ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀ ଆବେଦନ କରିପାରିବେ |
|---|---|---|---|
| ୧ | ୨୯ | ବାଣୀକଟା ବନ୍ଧ | ୨୯ |
| ୨ | ୨୯ | ଧନକୌଡ଼ା ବନ୍ଧ | ୨୯ |
| ୩ | ୪୧ | ନୂଆବନ୍ଧ | ୪୧ |
| ୪ | ୧୫ | ଦୁର୍ଗାପାଲି ବନ୍ଧ | ୧୫ |
| ୫ | ୧୫ | ଦୁର୍ଗାପାଲି ଛକ ଠାରୁ ଦୁର୍ଗାପାଲି ବନ୍ଧ ରାସ୍ତାପାର୍ଶ୍ୱ ବୃକ୍ଷରୋପଣ | ୧୫ |
| ୬ | ୪୧ | ଗୋଲାବନ୍ଧ | ୪୧ |
| ୭ | ୨୦ | କାଇଁଷିର ବନ୍ଧ | ୨୦ |

ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ଚୟନ କରାଯିବ। ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଦେଶାବଳୀ ପାଳନ କରି ଆବେଦନ ପତ୍ର ଦାଖଲ କରିବେ ।ଯୋଗ୍ୟତା ମାନଦଣ୍ଡକୁ ଭଲଭାବେ ପଢ଼ି ଆବେଦନ ପତ୍ର ଦାଖଲ କରିବା ପାଇଁ ଅନୁରୋଧ ।

### ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ ମିଶନ ଶକ୍ତି ଗୋଷ୍ଠୀ ପାଇଁ ନିର୍ଦ୍ଦେଶାବଳୀ

- ପ୍ରତି ବୃକ୍ଷରୋପଣ ସ୍ଥାନ ପିଛା ଗୋଟିଏ ମିଶନ ଶକ୍ତି ଗୋଷ୍ଠୀକୁ ଚୟନ କରାଯିବ, ଯିଏକି ୩ ବର୍ଷ ପାଇଁ ଗଛ ଲଗାଇବା ଏବଂ ତାଙ୍କୁ ବଞ୍ଚାଇ ରଖିବା ତଦାରଖ କରିବେ।
- ମିଶନ ଶକ୍ତି ଗୋଷ୍ଠୀ ବୃକ୍ଷରୋପଣ ସ୍ଥାନ ଯଥାସମ୍ଭବ ନିକଟରେ ଅବସ୍ଥିତ ହେବା ଉଚିତ, ଯାହାଦ୍ୱାରା ମିଶନ ଶକ୍ତି ଗୋଷ୍ଠୀ ନିୟମିତ ଭାବରେ ପରିଦର୍ଶନ କରି ପାରିବେ।
- ମିଶନ ଶକ୍ତି ଗୋଷ୍ଠୀ ଗଛ ଲଗାଇବା, ପାଣି ଦେବା, ଚାରା ବଞ୍ଚାଇବା ସୁନିଶ୍ଚିତ କରିବା ପାଇଁ ବୃକ୍ଷରୋପଣ ସ୍ଥାନକୁ ନିୟମିତ ପରିଦର୍ଶନ କରିବେ।
- ଏହି ଗଛ ଗୁଡ଼ିକୁ ପାଣି ଦିଆଯିବା ଏବଂ ଅତି କମରେ ୩ ବର୍ଷ ପାଇଁ ବଞ୍ଚାଇବା ସୁନିଶ୍ଚିତ କରିବେ ।
- ବୃକ୍ଷରୋପଣ ପାଇଁ ଗଛ ସମ୍ବଲପୁର ମହାନଗର ନିଗମ ଦ୍ୱାରା ଯୋଗାଇଦିଆ ଯିବ ।
- ବନ ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ ମିଶନ ଶକ୍ତି ଗୋଷ୍ଠୀକୁ ପ୍ରାରମ୍ଭିକ ରକ୍ଷଣାବେକ୍ଷଣ ବାର୍ଷିକ ପାରିଶ୍ରମିକ ପ୍ରଦାନ କରାଯିବ ।

**<u>ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା</u>**

- ମିଶନ ଶକ୍ତି ଗୋଷ୍ଠୀ, EOI ରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ ।
- ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ଦୁଇ ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର ।
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ ।
- ମିଶନ ଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ ୦୧ ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ ।
- ମିଶନ ଶକ୍ତି ଗୋଷ୍ଠୀ ପୂର୍ବରୁ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟରେ ଜଡ଼ିତ ହୋଇଥିବା ଆବଶ୍ୟକ ।
- ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA (Non Performing Asset) ଘୋଷିତ ଋଣ ଇତ୍ୟାଦି ହୋଇନଥିବ ।
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତ୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଥିବା ଆବଶ୍ୟକ ।
- ମିଶନ ଶକ୍ତି ଗୋଷ୍ଠୀ ନିଶ୍ଚିତ ଭାବରେ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପ ପାଇଁ ପୂର୍ବରୁ ବ୍ୟାଙ୍କରୁ ଋଣ ନେଇଥିବା ଆବଶ୍ୟକ ।
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡ ଥିବା ଆବଶ୍ୟକ ।
- ଉଦ୍ୟମ ଆଧାର ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ **୧୯.୦୮.୨୦୨୫** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ନିମ୍ନ ମତେ ଥିବା **ଫର୍ମ**ରେ ଆବେଦନ କରି ପାରିବେ ।

**<u>ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :</u>**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ ।
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ନକଲ, ଯେଉଁଥିରେ ଆୟ ଉତ୍ପାଦନ କାର୍ଯ୍ୟରେ ଜଡ଼ିତ ହୋଇଥିବାର ପ୍ରମାଣ ଥିବ ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ (ଯଦି ଉପଲବ୍ଧ ଅଛି) ।
- ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର ।
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି)।
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) ।

ଏ ବିଷୟରେ ଅତିରିକ୍ତ ସୂଚନା ସମ୍ବଲପୁର ମହାନଗର ନିଗମ ୱେବସାଇଟ www.smcsambalpur.nic.in ରେ ଉପଲବ୍ଧ ଅଛି ।

**ସଂଲଗ୍ନକ:** ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ

Memo No. ୭୬୮୭    Date 13.08.2025

Copy to be displayed at the SMC website and Notice Board, Collectorate Notice Board and to be made available at Ward Offices for public information.

Commissioner
Sambalpur Municipal Corporation

* ଗୋଷ୍ଠୀ ମୋହର ସହିତ

# ମିଶନ ଶକ୍ତି ଗୋଷ୍ଠୀ ପାଇଁ ବୃକ୍ଷରୋପଣ ଆବେଦନ ଫର୍ମ

| କ୍ର. ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ଠିକଣା | |
| ୩ | ୱାର୍ଡ଼ ସଂଖ୍ୟା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ (Gradation) ହୋଇଛି? (ହଁ/ ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| ୧୨ | ଆକାଉଣ୍ଟ ସଂଖ୍ୟା | |
| ୧୩ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୪ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୧୫ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ | |
| ୧୬ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| ୧୭ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୮ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି? (ହଁ/ନାହିଁ) | |
| ୧୯ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଛି? (ହଁ/ନାହିଁ) | |
| ୨୦ | ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ଅଛି ? (ହଁ/ନାହିଁ) | |
| ୨୧ | ଅତୀତ କିମ୍ବା ବର୍ତ୍ତମାନରେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଛନ୍ତି କି? (ହଁ/ନାହିଁ) | |
| ୨୨ | କେଉଁ ଜାଗାର ବୃକ୍ଷରୋପଣ କାର୍ଯ୍ୟ ନେବାକୁ ଇଚ୍ଛୁକ ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

**ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ ( √ ) କରନ୍ତୁ):**

- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ☐ ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ପାସବୁକର ନକଲ (ପ୍ରଥମ ଓ ଅନ୍ତିମ ପୃଷ୍ଠା) ସଂଲଗ୍ନ କରନ୍ତୁ |
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଉଦ୍ୟମ ଆଧାର ନକଲ (ଯଦି ଉପଲବ୍ଧ ଅଛି)|
- ☐ ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |